# ମନ୍ତ୍ରୀସ୍ତରୀୟ ସଂଯୁକ୍ତ କମିଟିଦ୍ୱାରା ଓଡିଆଭାଷା ଅଧିନିୟମ-୧୯୫୪ର ତ୍ୱରିତ କାର୍ଯ୍ୟକାରିତାପାଇଁ ବିଶିଷ୍ଟ ଭାଷାବିତ ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କଦ୍ୱାରା ଦିଆଯାଇଥିବା ପ୍ରାଥମିକ ପ୍ରସ୍ତାବ

୧. ୧୯୫୪ ଭାଷା ଆଇନ ଅନୁସାରେ ଓଡିଶା ସରକାର ବିଭିନ୍ନ ସମୟରେ ଜାରି କରିଥିବା ବିଜ୍ଞପ୍ତିକୁ ଭିତ୍ତି କରି ବର୍ତ୍ତମାନ ଓଡିଶାର ସମସ୍ତ କାର୍ଯ୍ୟ ଓଡିଆରେ ହେବ ।

୨. ଏଥିପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଓ ଅଧିକାରୀ ଉତ୍ତରଦାୟୀ ରହିବେ । ଯେଉଁମାନେ ଓଡିଆରେ ସରକାରୀ କାର୍ଯ୍ୟ ନ କରିବେ, ସେମାନେ ସରକାରୀ ନିଷ୍ପତ୍ତି ଅବହେଳା କରୁଛନ୍ତି ବୋଲି ପରିଗଣିତ ହେବେ ଓ ଏହି ଅନୁସାରେ ଦଣ୍ଡବିଧାନ କରାଯିବ । ଯେଉଁମାନେ ଓଡିଆରେ ସଫଳତାର ସହ କାମ କରିବେ, ସେମାନଙ୍କୁ ପ୍ରୋତ୍ସାହନ ଦିଆଯିବ । ପ୍ରତ୍ୟେକ ବିଭାଗର ସଚିବ ଏଥିପାଇଁ ଆବଶ୍ୟକୀୟ କାର୍ଯ୍ୟ ଚିହ୍ନଟ କରି ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଓଡିଆରେ କାମ କରିବାପାଇଁ ବାଧ ହେବେ ।

୩. କ. ନିଯୁକ୍ତି ମିଶନ ଜରିଆରେ ସେକ୍ରେଟେରିଏ ସର୍ଭିସ ଇନିଷ୍ଟିଚ୍ୟୁଟଦ୍ୱାରା ଉପଯୁକ୍ତ ପିଲାଙ୍କୁ ଓଡିଆ କ୍ଷୀପ୍ରଲେଖକ ଓ କମ୍ପ୍ୟୁଟର ଚାଳନା ବିଷୟକ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କୁ ତୁରନ୍ତ ନିଯୁକ୍ତି ଦିଆଯିବ ।

ଖ. ଗୋପବନ୍ଧୁ ଏକାଡେମୀ ଓ ମଧୁସୂଦନ ଏକାଡେମୀରେ ମସୌରୀ ଏକାଡେମୀ ଭଳି ଉଚ୍ଚ ଅଧିକାରୀଙ୍କପାଇଁ ସପ୍ତାହେ ବା ୨ସପ୍ତାହ ସଘନ ପାଠ୍ୟକ୍ରମ ବ୍ୟବସ୍ଥା କରାଯାଉ ।

ଗ. ଓକାକ ମାଧ୍ୟମରେ ୟୁନିକୋର୍ଡ ଓଡିଆ ଡିଟିପି ପ୍ରଶିକ୍ଷଣ ଦିଆଯାଉ ।

୪. କ. +୨ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ପ୍ରଥମ ବାଧ୍ୟତାମୂଳକ ଭାଷାପତ୍ର ଭାବେ ଓଡିଆ ରହିବ ।

ଖ. ବର୍ତ୍ତମାନ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ ଦିଆଯାଉଥିବା ୨ଦିନିଆ ପ୍ରଶିକ୍ଷଣ ସହିତ ୨ସପ୍ତାହ ସଘନ ଓଡିଆଭାଷା ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କୁ ପ୍ରାଥମିକ ସ୍ତରର ଓଡିଆ ଶିକ୍ଷକ ରୂପେ ନାମିତ କରାଯାଉ । ଏହାଦ୍ୱାରା ଏକ ବଡ ଅସନ୍ତୋଷ ଦୂର ହେବା ସହିତ ପ୍ରାଥମିକ ସ୍ତରରେ ଓଡିଆ ଶିକ୍ଷକ ନିଯୁକ୍ତପାଇଁ ସରକାର ପ୍ରସ୍ତୁତ ଅଛନ୍ତି ଓ ସେମାନଙ୍କ ପ୍ରଶିକ୍ଷଣପାଇଁ ପ୍ରାଥମିକ ପଦକ୍ଷେପ ନିଆଯାଉଛି କହିବାଦ୍ୱାରା ସମସ୍ତ ଶ୍ରେୟର ଭାଗୀଦାର ରାଜ୍ୟ ସରକାର ହେବେ ।

ଗ. ପୁରୀରେ ଶିକ୍ଷାଶାସ୍ତ୍ରୀ, କଟକରେ HTTI, BHED, କଟକ, ଭୁବନେଶ୍ୱର ଓ ପୁରୀଠାରେ HTTC ଭଳି ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ତାଲିମ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଅନ୍ୟ ରାଜ୍ୟମାନଙ୍କରେ ନିଜନିଜ ଭାଷାର ଶିକ୍ଷକପାଇଁ ସ୍ୱତନ୍ତ୍ର ଶିକ୍ଷକ ତାଲିମ କେନ୍ଦ୍ର ସ୍ଥାପନ କରାଯାଇଛି । ଓଡିଶାରେ ସବୁ ଭାଷାପାଇଁ ସ୍ୱତନ୍ତ୍ର ଭାଷା ଶିକ୍ଷକ ନିଯୁକ୍ତି ଦିଆଯାଉଥିବାବେଳେ ଓଡିଆଭାଷା ଶିକ୍ଷକପାଇଁ ସ୍ୱତନ୍ତ୍ର ତାଲିମ ସଂସ୍ଥା କିମ୍ବା ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ନାହିଁ । ପୂର୍ବରୁ ଥିବା ଓଡିଆଶିକ୍ଷକ ପଦବୀ ୧୯୮୫ରେ ଉଠାଇ ଏହାକୁ କ୍ଲାସିକାଲ ଶିକ୍ଷକ ପଦବିରେ ବଦଳାଇ ସେହି ସ୍ଥାନରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତ ହେଲେ । ଫଳରେ ସ୍ୱତନ୍ତ୍ର ଓଡିଆ ଶିକ୍ଷକ ନିଯୁକ୍ତି ପଥ ବନ୍ଦ ହୋଇଗଲା । ବର୍ତ୍ତମାନ ୧୯୮୫ମସିହାର ପୂର୍ବସ୍ଥିତିକୁ ଅଣାଯାଇ ସମସ୍ତ ପ୍ରକାରର ଉଚ୍ଚ ବିଦ୍ୟାଳୟରେ ଓଡିଆ ଶିକ୍ଷକ ନିଯୁକ୍ତ କରାଯିବ । ଏଥିପାଇଁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ ନ ଥିବାରୁ ସଂସ୍କୃତ ଓ ହିନ୍ଦୀ ଭଳି ଚଳିତବର୍ଷ ଓଡିଆ ସ୍ନାତକୋତ୍ତର ପିଲାଙ୍କୁ ସିଧାସଳଖ ନିଯୁକ୍ତି ଦିଆଯିବ ଓ ସେମାନଙ୍କୁ ଓଡିଆରେ ବି.ଏଡ. କରିବାପାଇଁ ସୁଯୋଗ ଦିଆଯିବ ।

ଘ. ଓଡିଶାରେ ପ୍ରତିଷ୍ଠା ହେବାକୁ ଯାଉଥିବା ଆଦର୍ଶ ବିଦ୍ୟାଳୟର ଶିକ୍ଷା ମାଧ୍ୟମ ଓଡିଆ ହେବ ।ମାତ୍ର ଇଂରାଜୀ କଥନକୁ ସ୍ୱତନ୍ତ୍ର ବିଷୟ ଭାବରେ ପଢାଯିବ ।

୫. କ. ବିଶ୍ୱବିଦ୍ୟାଳୟ, OJEEସମେତ ସମସ୍ତ ଶିକ୍ଷାନୁଷ୍ଠାନର ପ୍ରବେଶିକା ପରୀକ୍ଷା ଓଡିଆରେ କରାଯିବ । ସର୍ବଭାରତୀୟ ପ୍ରାକ୍‌ଡାକ୍ତରୀ ପ୍ରବେଶିକା ପରୀକ୍ଷା (AIPMT) ପ୍ରଶ୍ନପତ୍ର ଭାରତର ପ୍ରମୁଖ ଭାଷାଗୁଡିକରେ ଛପାଯାଉଥିବାରୁ ଓଡିଆରେ ଏହା କରିବାପାଇଁ ବହୁ ଦିନର ଦାବୀକୁ ରାଜ୍ୟ ସରକାର ଗ୍ରହଣ କରି ତୁରନ୍ତ କେନ୍ଦ୍ରକୁ ପ୍ରସ୍ତାବ ପ୍ରଦାନ କରିବେ ।

ଖ. OPSC, OSSC ସଚିବାଳୟ ନିଯୁକ୍ତି ସମେତ ସମସ୍ତ ନିଯୁକ୍ତିଭିତ୍ତିକ ପରୀକ୍ଷା ଓଡିଆରେ କରାଯିବ ଓ ପ୍ରଶ୍ନପତ୍ର ଓଡିଆରେ ଛପାଯିବ । *(ଓଡିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟର W.P (C) PIL NO- 8778 OF 2012 ନିର୍ଦ୍ଦେଶାବଳୀ ଓ ସାଧାରଣ ପ୍ରଶାସନ ବିଭାଗ ପତ୍ର ସଂଖ୍ୟା ୨୮୩୧୫, ତା ୦୧-୧୨-୧୨ ରିଖ ନିର୍ଦ୍ଦେଶ) । ଏଥିସହିତ ସମସ୍ତ (ତୃତୀତ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିପାଇଁ କେବଳ ଓଡିଆ) ନିଯୁକ୍ତି ପରୀକ୍ଷାରେ ଥିବା ବାଧ୍ୟତାମୂଳକ ଭାଷାପତ୍ର ଇଂରାଜୀ ଓ ଓଡିଆର ମିଶ୍ରଣ ନମ୍ବରକୁ ପ୍ରାର୍ଥୀର ଯୋଗ୍ୟତା ମାନଦଣ୍ଡ ନିର୍ଣ୍ଣୟ କରାଯିବ ।*

୬. ସମସ୍ତ ଶିକ୍ଷାନୁଷ୍ଠାନ, ଆୟୋଗ ଓ ସରକାରୀ ୱେବସାଇଟ ଆଦି ଓଡିଆରେ କରାଯିବ । ବିଭିନ୍ନ ଫର୍ମ, ବିଲ, ଭାଉଚର, ଟିକେଟ, ରସିଦ, ପ୍ରାପ୍ତିସ୍ୱୀକାରପତ୍ର ଆଦି ଓଡିଶା ସରକାରୀ ଭାଷା ଓଡିଆରେ ଲେଖାଯିବ ।

୭. **ଓଡିଶାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର (ସରକାରୀ ଓ ବେସରକାରୀ)ରେ ଡାକ୍ତରୀ ଚିଠା ଓଡିଆରେ ପ୍ରଦାନ କରାଯିବ ।**

୮. **ବ୍ୟାଙ୍କ, ଆର୍ଥିକ ନେଣଦେଣ ସଂସ୍ଥା ନିଜର ସମସ୍ତ କାର୍ଯ୍ୟ ଓଡିଆରେ କରିବେ ।**

୯. **ଗୃହ ବିଭାଗ ତଥା ପୋଲିସ ବିଭାଗର ସମସ୍ତ କାମ ଓଡିଆରେ ହେବ ।**

୧୦. **ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସରକାରୀ, ବେସରକାରୀ, ଦୋକାନ ବଜାର ଆଦିର ସମସ୍ତ ନାମଫଳକ ଓଡିଆରେ ଲେଖାଯିବ ।**

୧୧. କର୍ମଚାରୀଙ୍କ କାର୍ଯ୍ୟ ସୀମା ଭାବରେ ନୂଆ ଓଡିଶାର ନିର୍ମାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ୪ ଫେବୃଆରି୨୦୧୬ରୁ ୩ ଫେବୃଆରି୨୦୧୭ ପର୍ଯ୍ୟନ୍ତ **ଓଡିଶା ସରକାରୀ କାର୍ଯ୍ୟାଳୟ ଭାଷା ବର୍ଷ** ଭାବରେ ଘୋଷଣା କରି ଏହି ବର୍ଷ ଭିତରେ ସମସ୍ତ କାର୍ଯ୍ୟ ଓଡିଆରେ କରିବେ ।

ଜନସଚେତନତାପାଇଁ ଫକିରମୋହନ ସେନାପତିଙ୍କ ଜନ୍ମଦିନଠାରୁ ସାତଦିନ ବ୍ୟାପି **ସରକାରୀ କାର୍ଯ୍ୟାଳୟ ଭାଷା ସପ୍ତାହ** ଓ ଗଙ୍ଗାଧର ମେହେରଙ୍କ ଜନ୍ମଦିନଠାରୁ ୧୫ଦିନ ବ୍ୟାପି **ରାଜ୍ୟଭାଷା ପକ୍ଷ** ପ୍ରତିବର୍ଷ ପାଳନ ହେବ । ଭାଷା ସପ୍ତାହ ପାଳନ ଅବସରରେ ଓଡିଆଭାଷାର ବ୍ୟବହାରପାଇଁ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ଏବଂ ରାଜ୍ୟଭାଷା ପକ୍ଷ ପାଳନ ଅବସରରେ ବିଭିନ୍ନ ବେସରକାରୀ ସଂସ୍ଥା, ଅନୁଷ୍ଠାନ, ପ୍ରତିଷ୍ଠାନ, ଦୋକାନ, କମ୍ପାନୀ, ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ପ୍ରଦାନ ସହିତ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ, ପ୍ରତିଯୋଗିତା, ପୁରସ୍କାର, ପ୍ରୋତ୍ସାହନ ଆଦି ଘୋଷଣା କରାଯିବ ।

୧୨. ଓଡିଆରେ କାମ କରିବାପାଇଁ ଦେଖାଯାଉଥିବା ଅସୁବିଧାର ସମାଧାନପାଇଁ କର୍ମଚାରୀଗଣ ସିଧାସଳଖ **ଓଡିଆ ଭାଷା ପ୍ରତିଷ୍ଠାନ**ର ସାହାଯ୍ୟ ନେବେ । ଏଥିପାଇଁ ଭାଷାପ୍ରତିଷ୍ଠାନ ଅଧିନରେ ସ୍ୱତନ୍ତ୍ର ସେଲ ଗଠନ କରାଯାଇ ଏକ ଟୋଲଫ୍ରି ନମ୍ବର ସରକାରୀ କର୍ମଚାରୀ ଓ ସର୍ବସାଧାରଣଙ୍କୁ ପ୍ରଦାନ କରାଯିବ । ଜନସାଧାରଣ ମଧ୍ୟ ନିଜନିଜର ଅଭିଯୋଗ ରାଜ୍ୟ ସରକାରଙ୍କଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ୱେବସାଇଟ ମାଧ୍ୟମରେ ସରକାରଙ୍କ ସଂପୃକ୍ତ ବିଭାଗର ଉଚ୍ଚଅଧିକାରୀଙ୍କ ନିକଟରେ ପହଞ୍ଚାଇ ଏହା ସମ୍ପର୍କୀତ ତୁରନ୍ତ ନିଷ୍ପତ୍ତି ପାଇପାରିବେ ।

୧୩. ଓଡିଆଭାଷାର କାର୍ଯ୍ୟକାରିତା ବିଷୟରେ ମନ୍ତ୍ରୀ ସ୍ତରୀୟ କମିଟି ମନୋନୀତ ୨ଜଣ ସଦସ୍ୟ ଓ ଜଣେ ମାନ୍ୟବର ମନ୍ତ୍ରୀ ଚଳିତ ମାସଠାରୁ **ପ୍ରତି ମାସରେ ଅତି କମରେ ୩ଟି ଜିଲ୍ଲା ଗସ୍ତ** କରି ବିଭିନ୍ନ ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟ ତଦାରଖ କରିବା ସହିତ ଜିଲ୍ଲାବାସୀଙ୍କ ମତାମତ ସଂଗ୍ରହ ପୂର୍ବକ ଓଡିଆରେ ସରକାରୀ କାର୍ଯ୍ୟର ଅଗ୍ରଗତି ବିଷୟରେ କମିଟିକୁ ରିପୋର୍ଟ ଦେବ । କାର୍ଯ୍ୟକ୍ରମ ସମୀକ୍ଷାପାଇଁ ପ୍ରତିମାସର ପ୍ରଥମ ସପ୍ତାହରେ ମନ୍ତ୍ରୀସ୍ତରୀୟ କମିଟି ବୈଠକ ବସିବ । ଏହି କମିଟି ମଧ୍ୟ ରାଜ୍ୟସରକାରଙ୍କ ପ୍ରୋତ୍ସାହନରେ ଓଡିଶାରେ ବା ଓଡିଶା ବାହାରେ ଓଡିଆ ଶିକ୍ଷା କାର୍ଯ୍ୟକ୍ରମ ପରିଚାଳନା କରୁଥିବା ସମସ୍ତ ସଂସ୍ଥାର କାର୍ଯ୍ୟ ନିୟମିତ ସମୀକ୍ଷା କରି ପୁରସ୍କାର ବା ଦଣ୍ଡବିଧାନପାଇଁ ପରାମର୍ଶ ଦେବ ।

୧୪. ଓଡିଆଭାଷାକୁ କ୍ରିୟାଶୀଳ କରିବାପାଇଁ ଏକ ସ୍ୱତନ୍ତ୍ର ଭାଷାନୀତି ପ୍ରଣୟନର ଆବଶ୍ୟକତା ରହିଛି । ତେଣୁ ଛଅମାସ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରାଯିବ ଓ ମନ୍ତ୍ରୀ ସ୍ତରୀୟ କମିଟି ପରାମର୍ଶ ଅନୁସାରେ ସ୍ୱତନ୍ତ୍ର ଭାଷାନୀତି ରାଜ୍ୟ ସରକାର ପ୍ରଣୟନ କରିବେ ।

୧୫. ଉଚ୍ଚଶିକ୍ଷାପାଇଁ ଓଡିଆ ପାଠ୍ୟପୁସ୍ତକ ଓ ଆଇନ ପୁସ୍ତିକାର ତାତ୍କାଳୀକ ଅଭାବ ପୂରଣପାଇଁ ଏହି ବିଷୟରେ ଓଡିଆରେ ଲେଖୁଥିବା ବିଶେଷଜ୍ଞଙ୍କ ପାଣ୍ଡୁଲିପି କିମ୍ବା ମୁଦ୍ରିତ ପୁସ୍ତକ ସରକାରଙ୍କୁ ଦେବାପାଇଁ ଆହ୍ୱାନ କରାଯିବ । ସରକାର ଏହାକୁ ପରୀକ୍ଷାନିରୀକ୍ଷା କରିବାପରେ ଏହାକୁ ମୁଦ୍ରିତ କରିବା ସହିତ ଲେଖକୀୟ ପାରିଶ୍ରମିକ ପ୍ରଦାନ କରିବେ । ଓଡିଆଭାଷା ଶିକ୍ଷା ଓ ଗବେଷଣାପାଇଁ କେନ୍ଦ୍ରିୟ କ୍ଲାସିକାଲ ଓଡିଆ ସଂସ୍ଥା ଓ ଓଡିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାପାଇଁ ସରକାର ତୁରନ୍ତ ପଦକ୍ଷେପ ନେବେ ।

୧୬. ରାଜ୍ୟ ସରକାର ୨୦୦୦ମସିହାରେ ଗୃହୀତ କରାଇଥିବା ପାଠାଗାର ଆଇନ ତୁରନ୍ତ କାର୍ଯ୍ୟକାରି କରାଇବେ ।

୧୭. ଜନସାଧାରଣଙ୍କ ମତାମତପାଇଁ ସରକାର ଘୋଷଣା କରିଥିବା ଓଡିଆ ୱେବସାଇଟ ୧ସପ୍ତାହ ଭିତରେ ପ୍ରସ୍ତୁତ କରିବେ । ଏଥିସହିତ ଖବରକାଗଜରେ ମଧ୍ୟ ବିଜ୍ଞାପନ ଦେଇ ଜନସାଧାରଣଙ୍କ ମତାମତ ଦୁଇସପ୍ତାହ ମଧ୍ୟରେ ଲୋଡିବେ ।

***ସରକାରଙ୍କ ଅନୁରୋଧକ୍ରମେ ଉପରୋକ୍ତ ପରାମର୍ଶ ତତ୍କାଳିକ କାର୍ଯ୍ୟପାଇଁ ଦିଆଯାଇଛି । ଏହା ଓଡିଶାରେ ଓଡିଆଭାଷାର ପ୍ରୟୋଗପାଇଁ ଆବଶ୍ୟକତା ତଥା ଏଥିପାଇଁ ଗତ ୬୦ବର୍ଷ ଧରି ରାଜ୍ୟ ସରକାର ଦେଇଥିବା ବିଭିନ୍ନ ନିର୍ଦ୍ଦେଶ, କେନ୍ଦ୍ର ଭାଷାନୀତି ସମେତ ଭାରତର ସମସ୍ତ ରାଜ୍ୟର ଭାଷାଆଇନ ଓ ଭାଷାନୀତି ଅନୁଧ୍ୟାନ କରିବାପରେ ପ୍ରସ୍ତୁତ କରାଯାଇଛି । ତେବେ ଏହାର ସଫଳତାପାଇଁ ଦୀର୍ଘକାଳୀନ କାର୍ଯ୍ୟକ୍ରମର ଆବଶ୍ୟକ ଥିବାରୁ ଏକ ସ୍ୱତନ୍ତ୍ର ଭାଷାନୀତି ପ୍ରଣୟନର ପ୍ରୟୋଜନ ରହିଛି । ଏଥିପାଇଁ ସରକାର ସଂପୂର୍ଣ୍ଣ ସହଯୋଗ କରିବା ସହିତ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେଲେ ଖୁବଶୀଘ୍ର ଏହାର ପ୍ରସ୍ତୁତି ଆରମ୍ଭ କରାଯିବ ।***

## ମନ୍ତ୍ରୀସ୍ତରୀୟ କମିଟିର ପରବର୍ତ୍ତୀ ବୈଠକକୁ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଓ ଅଧିକାରୀ

ଆସନ୍ତା ବୈଠକ ମୁଖ୍ୟତଃ ସରକାରରେ କାର୍ଯ୍ୟନିଯୁକ୍ତ ଏବଂ ସେବାନିବୃତ ଅଧିକାରୀଙ୍କୁ ନେଇ ହେଉ । କାର୍ଯ୍ୟନିଯୁକ୍ତ ଅଧିକାରୀମାନେ-

**କ.** ଏପର୍ଯ୍ୟନ୍ତ ଓଡିଆକୁ ସରକାରି ଭାଷା କରିବାପାଇଁ ଓଡିଆରେ କିକି କାର୍ଯ୍ୟ କରାଯାଇଛି ଏବଂ କଣ ଅସୁବିଧା ଅଛି, ତାହାର ବିସ୍ତୃତ ତଥ୍ୟ ସପ୍ରମାଣ କମିଟି ନିକଟରେ ଉପସ୍ଥାପନ କରିବେ ।

**ଖ.** ଅବସର ଗ୍ରହଣ କରିଥିବା ଅଧିକାରୀମାନେ ଓଡିଆରେ କାମ କରିବାରେ କି ପ୍ରକାରର ଅସୁବିଧା ହୋଇଥିଲା ଓ ତାହାର ନିରାକରଣ ନିମନ୍ତେ ତାଙ୍କର ସୁଚିନ୍ତିତ ମତ କମିଟି ଆଗରେ ଉପସ୍ଥାପନ କରିବେ ।

**ଗ.** ବିଭିନ୍ନ ଆୟୋଗ ଓଡିଆରେ ନିଯୁକ୍ତି ପରୀକ୍ଷା, ବିଜ୍ଞାପନ ଆଦି ଓଡିଆରେ କରିବା ସମ୍ପର୍କିତ ତଥ୍ୟ ରଖିବେ ।

### ଅଧିକାରୀଙ୍କ ନାମ

୧. ମୁଖ୍ୟ ଶାସନ ସଚିବ
୨. ଗୃହ ସଚିବ
୩. ଅର୍ଥବିଭାଗ ସଚିବ
୪. ଉଚ୍ଚଶିକ୍ଷା ବିଭାଗ ସଚିବ
୫. ଗଣଶିକ୍ଷା ବିଭାଗ ସଚିବ
୬. ସଂସ୍କୃତି ବିଭାଗ ସଚିବ
୭. ଅନୁସୂଚୀତ ଜାତି ଓ ଜନଜାତି ବିଭାଗ ସଚିବ
୮. ଶ୍ରମ ବିଭାଗ ସଚିବ
୯. ସ୍ୱାସ୍ଥ୍ୟ ସଚିବ
୧୦. ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସଚିବ
୧୧. ବାଣିଜ୍ୟ ଓ ପରିବହନ ସଚିବ
୧୨. ପଞ୍ଚାୟତିରାଜ ସଚିବ
୧୩. ଖାଦ୍ୟ ଯୋଗାଣ ଉପଭୋକ୍ତା କଲ୍ୟାଣ ସଚିବ
୧୪. ନିଯୁକ୍ତି ଏବଂ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ ସଚିବ
୧୫. ଶକ୍ତି ସଚିବ
୧୬. ସୂଚନା ପ୍ରଯୁକ୍ତିବିଦ୍ୟା ସଚିବ

### ଅବସରପ୍ରାପ୍ତ ଅଧିକାରୀ ଓ ଶିକ୍ଷାବିତ

୧. ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର-ପ୍ରାକ୍ତନ ମୁଖ୍ୟ ଶାସନ ସଚିବ
୨. ଶ୍ରୀ ତରୁଣକାନ୍ତି ମିଶ୍ର-ପ୍ରାକ୍ତନ ମୁଖ୍ୟ ଶାସନ ସଚିବ
୩. ଶ୍ରୀ ସ୍ୱପ୍ନେଶ୍ୱର ବାୟା- ପ୍ରାକ୍ତନ ଶାସନ ସଚିବ
୪. ଅମିୟଭୂଷଣ ତ୍ରିପାଠୀ -ଆରକ୍ଷୀ ମହାନିର୍ଦ୍ଦେଶକ
୫. ପ୍ର. ଓଁକାର ମହାନ୍ତି, ପ୍ରାକ୍ତନ କୁଳପତି, ବିଜୁପଟ୍ଟନାୟକ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ
୬. ପ୍ର. ଅଶୋକ ଦାସ, କୁଳପତି ଉତ୍କଳ ବିଶ୍ୱବିଦ୍ୟାଳୟ
୭. ପ୍ର. ସୁଧାକର ପଣ୍ଡା, ନିର୍ଦ୍ଦେଶକ, ପଦାର୍ଥବିଜ୍ଞାନ ପ୍ରତିଷ୍ଠାନ
୮. ଡକ୍ଟର ପ୍ରତିଭା ରାୟ, ଜ୍ଞାନପୀଠ ବିଜୟିନୀ ବିଶିଷ୍ଟ ସାହିତ୍ୟିକା
୯. ଶ୍ରୀ ଅରବିନ୍ଦ ବେହେରା- ପ୍ରାକ୍ତନ ଶାସନ ସଚିବ
୧୦. ଶ୍ରୀ ରଘୁନାଥ ମିଶ୍ର - ପ୍ରାକ୍ତନ ଶାସନ ସଚିବ

### ଆଇନ ବ୍ୟବସ୍ଥା ଓ ଆୟୋଗ

୧. ଆରକ୍ଷୀ ମହାନିର୍ଦ୍ଦେଶକ, ଓଡିଶା ସରକାର
୨. ମହାନିର୍ଦ୍ଦେଶକ, ଗୋପବନ୍ଧୁ ଏକାଡେମୀ
୩. ଅଧକ୍ଷ, ଓଡିଶା ଲୋକସେବା ଆୟୋଗ
୪. ଅଧକ୍ଷ, ମାନବ ଅଧିକାର ଆୟୋଗ
୫. ଉମାଶଙ୍କର ମିଶ୍ର, ଅବସରପ୍ରାପ୍ତ ଜିଲ୍ଲା ବିଚାରପତି
୬. ହୃଦୟବଲ୍ଲଭ ଦାସ, ଅବସରପ୍ରାପ୍ତ ବିଚାରପତି
୭. ଅଧକ୍ଷ, ଓଡିଶା କର୍ମଚାରୀ ପ୍ରବରଣ ଆୟୋଗ
୮. ଏସ.ଏନ. ଗିରିଶ, ନିର୍ଦ୍ଦେଶକ, ଓଡିଶା ଖଣି ନିଗମ

### ମନ୍ତ୍ରୀସ୍ତରୀୟ କମିଟି ସଦସ୍ୟ

୫ଜଣ ମାନ୍ୟବର ମନ୍ତ୍ରୀ ଓ ଓଡିଆଭାଷା ସଂଗ୍ରାମ ସମିତିର ୭ଜଣ ସଦସ୍ୟ, ସରକାରଙ୍କ ମନୋନୀତ ଭାଷାବିତ, ଓଡିଆଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ, ଆଇନ ସଚିବ, ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବ ।

## ବୈଠକ ସୂଚୀପତ୍ର

୧. ସଭାପତିଙ୍କ ସୂଚନା ଓ ବିଧିବଦ୍ଧ ବୈଠକ ଆରମ୍ଭ-୫ମିନିଟ
୨. ଭାଷାବିତ ଡଃ ଦେବୀପ୍ରସନ୍ନ ପଟ୍ଟନାୟକଙ୍କଦ୍ୱାରା ପ୍ରସ୍ତୁତ ଭାଷାପତ୍ର ପାଠ- ୧୫ ମିନିଟ
୩. ମୁଖ୍ୟ ସଚିବ, ବିଭାଗୀୟ ସଚିବ, ଆୟୋଗ ଓ ଅଧୀକାରୀଙ୍କ ମତ ଓ ମନ୍ତବ୍ୟ- ପ୍ରତ୍ୟେକଙ୍କପାଇଁ ୩ ମିନିଟ
୪. ସ୍ୱତନ୍ତ୍ର ନିମନ୍ତ୍ରିତ ଅବସରପ୍ରାପ୍ତ ପ୍ରଶାସକ, ଶିକ୍ଷାବିତ ଓ ଆଇନଜ୍ଞଙ୍କ ପରାମର୍ଶ- ପ୍ରତ୍ୟେକଙ୍କପାଇଁ ୫ମିନିଟ
୫. କମିଟି ସଦସ୍ୟଙ୍କ ବିଭିନ୍ନ ବିଭାଗୀୟ ସଚିବଙ୍କୁ ପ୍ରଶ୍ନ ଓ ପ୍ରସ୍ତାବ ଉପରେ ଆଲୋଚନା
୬. ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହେବାପରେ ଏହା ତୁରନ୍ତ କମିଟି ସଦସ୍ୟଙ୍କଦ୍ୱାରା ଅନୁମୋଦିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ନିକଟକୁ ପ୍ରେରଣ
୭. ସଭାପତିଙ୍କ ଅନୁମତିକ୍ରମେ ଅନ୍ୟାନ୍ୟ

**ବି:ଦ୍ର:- ପ୍ରତ୍ୟେକ ଅଧିକାରୀ/ନିମନ୍ତ୍ରିତ ଅତିଥି ଓଡିଆଭାଷା ପ୍ରଚଳନ ସମ୍ପର୍କୀତ ଲିଖିତ ମତାମତ ବୈଠକ ଆରମ୍ଭ ପୂର୍ବରୁ ପ୍ରଦାନ କରିବେ । ଏହା ସେମାନଙ୍କୁ ପ୍ରଦତ୍ତ ଚିଠିରେ ସ୍ପଷ୍ଟ ଭାବରେ ଜଣାଇ ଦିଆଯିବ ।**

# ଏହାର ଏକ ସପ୍ତାହ ପରେ ଚୁଡାନ୍ତ ବିଚାର ବିମର୍ଶ କର୍ମଶାଳା

## ବିଶ୍ୱବିଦ୍ୟାଳୟ କୁଳପତି

୧. ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ
୨. ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
୩. ସମ୍ବଲପୁର ବିଶ୍ୱବିଦ୍ୟାଳୟ
୪. ଫକୀରମୋହନ ବିଶ୍ୱବିଦ୍ୟାଳୟ
୫. ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
୬. କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟ
୭. ରେଭେନ୍ସା ବିଶ୍ୱବିଦ୍ୟାଳୟ
୮. ରମାଦେବୀ ବିଶ୍ୱବିଦ୍ୟାଳୟ
୯. ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ
୧୦. ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ
୧୧. କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
୧୨. ସେଂଚୁରିଅନ ବିଶ୍ୱବିଦ୍ୟାଳୟ
୧୩. ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ
୧୪. କିଟ ବିଶ୍ୱବିଦ୍ୟାଳୟ

## ଶିକ୍ଷାବିତ/ ପ୍ରଶାସକ

୧. ଶ୍ରୀଯୁକ୍ତ ଧୀରେନ୍ଦ୍ର ରାୟ, ପ୍ରାକ୍ତନ ଆୟକର କମିଶନର
୨. ଶ୍ରୀଯୁକ୍ତ ଅବସର ବେଉରିଆ, ପ୍ରାକ୍ତନ ବିଦେଶ ସେବା ଅଧିକାରୀ
୩. ଶ୍ରୀଯୁକ୍ତ ବଟକୃଷ୍ଣ ତ୍ରିପାଠୀ, ପ୍ରାକ୍ତନ ଆରକ୍ଷୀ ନିର୍ଦ୍ଦେଶକ
୪. ଶ୍ରୀଯୁକ୍ତ କରୁଣାକର ପଟ୍ଟନାୟକ - ପ୍ରାକ୍ତନ ଶାସନ ସଚିବ
୫. ଶ୍ରୀଯୁକ୍ତ ଜଗଦାନନ୍ଦ, ପ୍ରାକ୍ତନ ସଦସ୍ୟ ସୂଚନା କମିଶନ
୬. ପ୍ର. କିଶୋର ବାସା, ନୃତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
୭. ପ୍ରଫେସର ଯନ୍ତ୍ରଣା ପରିକ୍ଷିତ, ଶିକ୍ଷାବିତ
୮. ଶ୍ରୀଯୁକ୍ତ ପଞ୍ଚାନନ କାନୁନଗୋ
୯. ପ୍ରଫେସର ବିମଳେନ୍ଦୁ ମହାନ୍ତି
୧୦. ପ୍ରଫେସର ନରେନ୍ଦ୍ର ମିଶ୍ର
୧୧. ପ୍ରଫେସର ବ୍ରଜେନ୍ଦ୍ରପ୍ରସାଦ ଦାସ
୧୨. ଡକ୍ଟର ଅଚ୍ୟୁତ ସାମନ୍ତ
୧୩. ଡକ୍ଟର ମୁକ୍ତିକାନ୍ତ ମିଶ୍ର
୧୪. ଶ୍ରୀଯୁକ୍ତ ମନୋଜ ନାୟକ
୧୫. ଡକ୍ଟର ବସନ୍ତ ପଣ୍ଡା
୧୬. ଡକ୍ଟର ମିତାଲି ଚିନାରା
୧୭. ପ୍ରଫେସର ନିତ୍ୟାନନ୍ଦ ଶତପଥୀ
୧୮. ପ୍ରଫେସର ବାବାଜି ଚରଣ ପଟ୍ଟନାୟକ
୧୯. ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ
୨୦. ପ୍ରଫେସର ନାରାୟଣ ସାହୁ
୨୧. ପ୍ରଫେସର ଗୌରାଙ୍ଗ ଚରଣ ଦାସ
୨୨. ପ୍ରଫେସର ଅଜିତ ମହାନ୍ତି
୨୩. ପ୍ରଫେସର ଯତିନ ନାୟକ
୨୪. ପ୍ରଫେସର ରାଧାମୋହନ ମଲ୍ଲିକ
୨୫. ପ୍ରଫେସର ମନ୍ମଥନାଥ କୁଣ୍ଡୁ
୨୬. ପ୍ରଫେସର ଦେବେନ୍ଦ୍ରନାଥ ମହାନ୍ତି
୨୭. ପ୍ରଫେସର କଲ୍ୟାଣୀ ସାମନ୍ତରାୟ
୨୮. ଡକ୍ଟର ଲଲାଟେନ୍ଦୁ ଦାସମହାପାତ୍ର
୨୯. ଡକ୍ଟର ମାନସୀ ଦାସମହାପାତ୍ର
୩୦. ପ୍ର. ପରେଶ ଚୌଧୁରୀ, ଏମ ଆଇ ଟି
୩୧. ପ୍ରଫେସର କୁଳମଣି ନାୟକ
୩୨. ପ୍ରଫେସର ବାସୁଦେବ ସାହୁ
୩୩. ପ୍ରଫେସର ଭଗବାନ ଜୟସିଂହ
୩୪. ପ୍ରଫେସର ସୂର୍ଯ୍ୟମଣି ମିଶ୍ର
୩୫. ପ୍ରଫେସର ଡାକ୍ତର ନିଳାମ୍ବର ଜେନା
୩୬. ଶ୍ରୀଯୁକ୍ତ ନୀଳମାଧବ ପଣ୍ଡା
୩୭. ଶ୍ରୀଯୁକ୍ତ ସବ୍ୟସାଚୀ ମହାପାତ୍ର
୩୮. ଡାକ୍ତର ଦେବାଶିଷ ଜେଠୀ
୩୯. ଶ୍ରୀଯୁକ୍ତ ବିଭୁପ୍ରସାଦ ତ୍ରିପାଠୀ
୪୦. ଅଧ୍ୟାପକ ଇନ୍ଦ୍ରମଣି ସାହୁ, ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟ

## ସାହିତ୍ୟିକ ଓ କଳାକାର

୧. ଡକ୍ଟର ସୀତାକାନ୍ତ ମହାପାତ୍ର
୨. ହରପ୍ରସାଦ ଦାସ
୩. ସାତକଡି ହୋତା
୪. ଦୀନାନାଥପାଠୀ
୫. ରାମହରି ଦାସ
୬. ଅରୁଣା ମହାନ୍ତି
୭. ସଂଗୀତା ପଣ୍ଡା
୮. ଅଶ୍ୱିନୀ ମିଶ୍ର
୯. ବନୋଜ ତ୍ରିପାଠୀ
୧୦. ସୁସ୍ମିତା ଦାସ
୧୧. ଉମାକାନ୍ତ ରାଉତ(ଅରୂପ)
୧୨. ସୂର୍ଯ୍ୟମଣି ଖୁଣ୍ଟିଆ

## ବିଭିନ୍ନ ଗଣମାଧମର ପ୍ରମୁଖ ପ୍ରତିନିଧି

୧. ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
୨. ଶ୍ରୀଯୁକ୍ତ ତଥାଗତ ଶତପଥୀ
୩. ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
୪. ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ
୫. ଶ୍ରୀଯୁକ୍ତ ପ୍ରଶାନ୍ତ ପଟ୍ଟନାୟକ
୬. ଶ୍ରୀଯୁକ୍ତ ସୁଶାନ୍ତ ମହାନ୍ତି
୭. ଶ୍ରୀଯୁକ୍ତ ରବି ଦାସ
୮. ଶ୍ରୀଯୁକ୍ତ ରବି କାନୁନଗୋ
୯. ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ଶତପଥୀ
୧୦. ଶ୍ରୀଯୁକ୍ତ ବରେନ୍ଦ୍ରକୃଷ୍ଣ ଧଳ
୧୧. ଶ୍ରୀଯୁକ୍ତ ସମ୍ପଦ ନାୟକ
୧୨. ଶ୍ରୀଯୁକ୍ତ ଗୋପାଳକୃଷ୍ଣ ମହାପାତ୍ର

୧୩. ଶ୍ରୀଯୁକ୍ତ  ନିଳାମ୍ବର ରଥ
୧୪. ଶ୍ରୀଯୁକ୍ତ ନବୀନ ଦାସ
୧୫. ଶ୍ରୀଯୁକ୍ତ ଦେବେନ୍ଦ୍ର ପୃଷ୍ଟି
୧୬. ଶ୍ରୀଯୁକ୍ତ କେଦାର ମିଶ୍ର

## ବିଭିନ୍ନ ସଂସ୍ଥା ପ୍ରତିନିଧି

୧୭. ଧନଦାକାନ୍ତ ମିଶ୍ର
୧୮. ସୁଦର୍ଶନ ଦାସ
୧୯. ଦେବପ୍ରସାଦ ପରିଜା
୨୦. ବିରଜା ମହାପାତ୍ର, ନୂଆଦିଲ୍ଲୀ
୨୧. ଶୁଶାନ୍ତ ସାବତ
୨୨. କାହ୍ନୁ ଚରଣ ବେହୁରା, ସମାଜ ଆନ୍ଦୋଳନ
୨୩. ଦଣ୍ଡପାଣି ମହାପାତ୍ର
୨୪. ମଧୁମିତା ସାମଲ
୨୫. ପ୍ରକାଶ ମହାନ୍ତି, ଓଷ୍ଟା
୨୬. ସୁରେନ୍ଦ୍ର ଜେନା, ଅଧ୍ୟାପକ ସଂଘ
୨୭. ଅପର୍ଣ୍ଣା ନାୟକ,
୨୮. ରତ୍ନୁପର୍ଣ୍ଣା ମହାନ୍ତି
୨୯. ଲଳିତ ମିଶ୍ର
୩୦. ଗଙ୍ଗାଧର ପାଣିଗ୍ରାହୀ
୩୧. ମଧୁସୂଦନ ଦାସ
୩୨. ମନୋଜ ଜେନା
୩୩. ବିମଳପ୍ରସାଦ
୩୪. ପ୍ରତିଭା ଦାସ
୩୫. ହେମନ୍ତ ରଥ
୩୬. ପଦ୍ମାକର ଗୁରୁ
୩୭. ନୀଳମଣି ଯୋଶୀ, ବଲାଙ୍ଗୀର
୩୮. ଶ୍ୟାମସୁନ୍ଦର ଅଗ୍ରୱାଲ, ବଲାଙ୍ଗୀର
୩୯. ଦେବେନ୍ଦ୍ର ରାଉତ, ଦିଲ୍ଲୀ
୪୦. କ୍ଷମାସାଗର ଭୋଇ, ରାୟଗଡ, ଛତିଶଗଡ
୪୧. ସଂଯୁକ୍ତା ପାଣିଗ୍ରାହୀ,
୪୨. ଡକ୍ଟର ଦୈତାରୀ ସାହୁ
୪୩. ପ୍ରକାଶ କୁମାର ଜେନା
୪୪. ଡକ୍ଟର ପାବକ କାନୁନଗୋ
୪୫. ବିଜୟ ପରିଡା
୪୬. ବିଜୟ ପ୍ରଧାନ
୪୭. ରଂଜନ ରାଉତ
୪୮. ସଚିକାନ୍ତ ରାଉତ
୪୯. ଅରୁଣ ସ୍ୱାଇଁ
୫୦. ପ୍ରଦୀପ ପ୍ରଧାନ

## ମନ୍ତ୍ରୀସ୍ତରୀୟ କମିଟି ସଦସ୍ୟ

୫ଜଣ ମାନ୍ୟବର ମନ୍ତ୍ରୀ ଓ ଓଡିଆଭାଷା ସଂଗ୍ରାମ ସମିତିର ୭ଜଣ ସଦସ୍ୟ, ସରକାରଙ୍କ ମନୋନୀତ ଭାଷାବିତ, ଓଡିଆଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ, ଆଇନ ସଚିବ, ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବ ।

**ବି:ଦ୍ର:- ପ୍ରତ୍ୟେକ ନିମନ୍ତ୍ରିତ ଅତିଥି ଓଡିଆଭାଷା ପ୍ରଚଳନ ସମ୍ପର୍କୀତ ନିଜସ୍ୱ ଲିଖିତ ମତାମତ ବୈଠକ ଆରମ୍ଭ ପୂର୍ବରୁ ପ୍ରଦାନ କରିବେ ।**